# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଉତ୍ତମ ଶମିରୋଣୀୟ



ଲେଖକ: Edward Hughes

ଦୃଷ୍ଟାନ୍ତ: M. Maillot; Lazarus

ଉପଯୋଜକ: Ruth Klassen; Sarah S.

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2014 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଗୁରୁ ଅନନ୍ତ ଜୀବନ ଲାଭ କରିବାକୁ ମତେ କଅଣ
କରିବାକୁ ହେବ, ଏହି ପ୍ରଶ୍ନ କରିବା ଲୋକ ଏକ
ବ୍ୟବସ୍ଥାଶାସ୍ତ୍ରଜ୍ଞ ଥିଲେ, ସେ ଯୀଶୁଙ୍କୁ ପରିକ୍ଷା
କରିବାକୁ ଚ଼ାହୁଁଥିଲେ । ସେଥିରେ
ଯୀଶୁ ତାହାଙ୍କୁ କହଲେ,
ବ୍ୟବସ୍ଥାରେ କଅଣ
ଲେଖାଅଛି?।



ଈଶ୍ୱରଙ୍କୁ ପ୍ରେମ କର ଓ ପ୍ରତବାସୀକି
ଆତ୍ମତୁଲ୍ୟ ପ୍ରେମକର, ସେ ଉତ୍ତର ଦେଲେ ।
କିନ୍ତୁ ମୋର ପ୍ରତିବାସୀ କିଏ? ସେ ପଚ଼ାରିଲା



ସେହି ଲୋକଙ୍କ ପ୍ରଶ୍ନର ଉତ୍ତର ଦେବାକୁ, ଯୀଶୁ ଏକ କାହାଣି କହିଲେ । ଜଣେ
ଲୋକ ଯିରୁଶାଲମରୁ ଯିରିହୋକୁ ଯାଉଥିଲେ ।
ସେହିଲୋକ ଡକାୟତ ମାନଙ୍କ
ହାବୁଡ଼ରେ ପଡ଼ିଲା ।



ଡକାୟତମାନେ ତାଙ୍କର ଯାହା ପାଇଲେ ସବୁକିଛି ଛଡ଼ାଇନେଲେ, ଏପରିକି ସେମାନେ ତାହାର ଲୁଗାପଟା ମଧ୍ୟ ନେଇଗଲେ ।



ସେମାନେ ତାଙ୍କୁ ବହୁତ ମାଡ଼ ମଧ୍ୟ ମାରିଲେ ଓ ରାସ୍ତା
କଡ଼ରେ ଦରମରା ଅବସ୍ଥାରେ ଛାଡ଼ି ଚ଼ାଲିଗଲେ ।



ଘଟନାକ୍ରମେ ଜଣେ ଯାଜକ ସେହି ବାଟଦେଇ ଯାଉଥିଲେ,
ନିଷ୍ଚିତଭାବରେ ସେ ସେହି ଦରମରା
ଲୋକଙ୍କୁ ସାହାଯ୍ୟ କରିବେ ।



ନୁହେଁ ଯେତେବେଳେ ସେ ସେହି କ୍ଷତବିକ୍ଷତ ଲୋକର ରକ୍ତ ବୋହିବା ଦେଖିଲେ, ସେ ବାଟର ଆରପାଖ ଦେଇ ଚାଲିଗଲେ ।



ସେହିପ୍ରକାରେ, ଜଣେ ଲେବୀୟ ମଧ୍ୟ ସେ ସ୍ଥାନକୁ ଆସିଲେ, ଯେ କି ଯାଜକଙ୍କୁ ମନ୍ଦିରରେ ସାହାଯ୍ୟ କରନ୍ତି ।



ସେ ଯାଇ ସେହି କ୍ଷତବିକ୍ଷତ ଲୋକଙ୍କୁ ଦେଖିଲେ ଓ ତାଙ୍କୁ
ସାହାଯ୍ୟ ନକରି ଅନ୍ୟ ରାସ୍ତାଦେଇ ଚାଲିଗଲେ ।



ପରିଶେଷରେ ଏକ ଶମିରୋଣୀୟ ଲୋକ ମଧ୍ୟ ସେହି ରାସ୍ତାଦେଇ ଯାତ୍ରା କରୁଥିଲେ । ଯିହୁଦୀ ଲୋକମାନେ ଶମିରୋଣୀୟ ଲୋକମାନଙ୍କୁ ଘୃଣା କରୁଥିଲେ ।



ଯେଉଁ ଲୋକମାନେ ଯୀଶୁଙ୍କ ବାକ୍ୟ ଶୁଣୁଥିଲେ କେବେହେଲେ ମଧ୍ୟ ଚାହିଁବେ ନାହିଁ ଯେ
ଏକ ଶମିରୋଣୀୟ ଲୋକ ସାହାଯ୍ୟକାରୀ ହୁଅନ୍ତୁ, କିନ୍ତୁ ସେ ହିଁ ହେଲେ ।

ଶମିରୋଣୀୟ ଲୋକ ସେହି ଲୋକର ଯତ୍ନ ନେଲେ, ସେ ତାଙ୍କୁ
ସାହାଯ୍ୟ କରିବା ନିମନ୍ତେ ଅଟକିଗଲେ ।



ଶମିରୋଣୀୟ ଲୋକ ସେହି ଅଜଣା ଲୋକଙ୍କ
ପାଖକୁ ଯାଇ ତାହାର କ୍ଷତରେ ଔଷଧ
ଲଗାଇ ବାନ୍ଧିଦେଲେ, ଆଉ ତାହାକୁ
ଆପଣା ଗଧ ଉପରେ ବସାଇଲେ ।



ରାସ୍ତାକଡ଼ରେ ଥିବା ଏକ ପାନ୍ଥଶାଳାରେ ସାରାରାତ୍ରୀ ଶମିରୋଣୀୟ
ଲୋକ ସେହି ଲୋକର
ସେବା କଲେ,



ସକାଳ ସମୟରେ ସେ ପାନ୍ଥଶାଳାର କର୍ତ୍ତାଙ୍କୁ ଟଙ୍କା ଦେଲେ ଓ ସେହି ପଥିକକୁ ଭଲହେବା ଯାଏଁ ସେବା କରିବାକୁ କହିଲେ ।



କାହାଣିର ପରିସମାପ୍ତି ହେଲା । ଯୀଶୁ ପଚାରିଲେ, କ୍ଷତବିକ୍ଷତ ଥିବା ଲୋକର ପ୍ରତିବାସି କିଏ ଥିଲା?





ସେହି ବ୍ୟବସ୍ଥାଶାସ୍ତ୍ରଜ୍ଞ କହିଲେ,
ଶମିରୋଣୀୟ ଲୋକ ତାହାର ପ୍ରତିବାସି
ଥିଲା ଯେ କି ତାଙ୍କୁ ଦୟା ଦେଖଇଲା ।

ଯୀଶୁ କହିଲେ, ଯାଅ ତୁମ୍ଭେ ମଧ୍ୟ ସେହିପରି କର । ପ୍ରତିବାସି ସେ ଯାହାର ଆବଶ୍ୟକତା ଥାଏ ।

ଯେଉଁମାନେ ଆବଶ୍ୟକତାରେ ଅଛନ୍ତି ସେମାନଙ୍କୁ ସେମାନଙ୍କ
ଆବଶ୍ୟକତା ଅନୁସାରେ ସାହାଯ୍ୟ
କରିବା ଦ୍ୱାରା ତାଙ୍କୁ ପ୍ରେମ ଦେଖାଇ
ପାରିବା । ତାହା ପରମେଶ୍ୱର
ଇଛା କରନ୍ତି ।



ଉତ୍ତମ ଶମିରୋଣୀୟ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କାହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଲୂକ ୧୦

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚ଼ାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୁତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬